## ବିପୁଳ ପୋଚ, ମଦ ଜବତ

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇ ବିପୁଳ ପରିମାଣରେ ମହୁଲ ପୋଚ ଓ ଦେଶୀ ମଦ ଜବତ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଓ ଜିଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅବକାରୀ ବିଭାଗ କର୍ମଚାରୀମାନେ ମୋଟ ୧୪ ହଜାର ଶହେ ଲିଟର ମହୁଲ ପୋଚ ଓ ୮୫୦ଲିଟର ଦେଶୀ ମଦ ଜବତ କରିଛନ୍ତି। ଏ ସଂକ୍ରାନ୍ତରେ ୪ଟି ମାମଲା ରୁଜୁ କରାଯାଇଛି।

## କେରଳ ଷ୍ଟେଟ୍ ଇଲେକ୍ଟ୍ରି ବୋର୍ଡ ବିଜୟୀ

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ଚାଲିଥିବା ୫ମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ରବିବାର ଖେଳାଯାଇଥିବା ମ୍ୟାଚରେ କେରଳ ଷ୍ଟେଟ୍ ଇଲେକ୍ଟ୍ରି ବୋର୍ଡ ବିଜୟୀ ହୋଇଛି। ଏହି ମ୍ୟାଚରେ କେରଳ ଷ୍ଟେଟ୍ ଇଲେକ୍ଟ୍ରି ବୋର୍ଡ ୪–୧ରେ ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱରକୁ ପରାସ୍ତ କରିଛି। ଏହି ମ୍ୟାଚକୁ କିଷାନ ଦାସ, ଦେବରାଜ ସ୍ୱାଇଁ, ଅନିଲ କୁମାର ନନ୍ଦ ଓ ମହେଶ ପ୍ରଧାନ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଥିଲେ। ଅତିଥି ଭାବେ କ୍ରୀଡାବିତ୍ ଜୟକାନ୍ତ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେମାନନ୍ଦ ମହାନ୍ତ ଓ ସରୋଜ କୁମାର ପାଢୀ ଧାରା ବିବରଣୀ ପ୍ରଦାନ କରିଥିଲେ।

# ‘ସାଇବର ଅପରାଧୀଙ୍କଠାରୁ ଦୂରେଇ ରୁହନ୍ତୁ’



ଢେଙ୍କାନାଳ ପୋଲିସ ପ୍ରଶାସନ ପକ୍ଷରୁ ସଚେତନତା ଅଭିଯାନରେ ଅତିଥି ଓ ଅନ୍ୟମାନେ।

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ପୋଲିସ ପକ୍ଷରୁ ସାଇବର ଅପରାଧ ଓ ଅପରାଧୀଙ୍କ ସମ୍ପର୍କରେ ସଚେତନତା ଅଭିଯାନ ଅବସରରେ ରବିବାର ଏକ ମାରାଥନ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ସକାଳ ୭ଟାରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ଯୁବପିଢିଙ୍କୁ ନେଇ ମାରାଥନ, ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମିନି ଷ୍ଟାଡିୟମଠାରେ ପୋଲିସ ପ୍ରଶାସନ ଓ ଟାଟାଷ୍ଟିଲର ମିଳିତ ସହଯୋଗରେ ଅନୁଷ୍ଠିତ ଏହିକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ ଯେ, ସାଇବର ଅପରାଧୀଙ୍କ ଠାରୁ ସମସ୍ତେ ଦୂରେଇ ରୁହନ୍ତୁ। ଅଜଣା କଲ୍ କିମ୍ବା ମେସେଜରେ ନିଜର ଅର୍ଥ ସମ୍ପର୍କିତ କୌଣସି ତଥ୍ୟ ଓଟିପି, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଆଦି ପ୍ରଦାନ କରନ୍ତୁ ନାହିଁ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଥିଲେ, ଛାତ୍ରୀଛାତ୍ରମାନେ ନିଜର ସମ୍ପର୍କୀୟ, ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବଙ୍କୁ ଏହି ସାଇବର ଠକେଇ ଓ ଏଥିରୁ ମୁକ୍ତି ପାଇବା ନିମନ୍ତେ ସଚେତନ କରାନ୍ତୁ। ଏହି ଉପଲକ୍ଷେ ମିନି ଷ୍ଟାଡିୟମଠାରୁ ବାହାରିଥିବା ଏକ ସଚେତନତା ଶୋଭାଯାତ୍ରା ଓ ମାରାଥନକୁ ଜିଲାପାଳ, ଏସ୍‌ପି, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମାରାଥନ ଦୌଡ ସହର ପରିକ୍ରମା କରିଥିଲା। ଏଥିରେ ସୁଜିତ ନାୟକ, ରତିକାନ୍ତ ଖଟୁଆ ଓ ଶାଶ୍ୱତ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦୌଡରେ ପ୍ରଥମେ ପହଞ୍ଚିଥିବା ୫୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସଚେତନଧର୍ମୀ ନାଟକ ଏବଂ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା।




ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।

## ବିଶ୍ୱକର୍ମା ଯୋଜନା ସମ୍ପର୍କରେ ଆଲୋଚନା



କର୍ମଶାଳାରେ ଉପସ୍ଥିତ ଭାଜପା ନେତାମାନେ।

ଭୁବନ,୮।୧୦(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲ୍ୟାଣ ମଣ୍ଡପଠାରେ ରବିବାର ଭାଜପା ପକ୍ଷରୁ ମଣ୍ଡଳସ୍ତରୀୟ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଏନ୍‌ଏସି ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ସଭାପତିତ୍ୱ କରିଥିଲାବେଳେ କାର୍ଯ୍ୟକ୍ରମ ସମ୍ପର୍କରେ କାମାକ୍ଷାନଗର ବିଧାନସଭା ସଂଯୋଜକ ଜଗବନ୍ଧୁ ପୃଷ୍ଟି ଅବଗତ କରାଇଥିଲେ। ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ନାୟକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କିପରି ସମସ୍ତ କାରିଗର ଏହି ସୁବିଧା ପାଇବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ନାମ ପଞ୍ଜୀକରଣ ସମ୍ପର୍କରେ ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଡମ୍ବରୁଧର ପାତ୍ର ଅବଗତ କରାଇଥିଲେ। କର୍ମଶାଳାରେ ମହୁଲପାଳ ମଣ୍ଡଳର ଚୈତନ୍ୟ ବେହେରା, ବାରୁଆ (କ)ର ବିଜୟ କୁମାର ନାୟକ, ବାରୁଆ (ବି)ର ସଞ୍ଜୟ କୁମାର ଦାସ ଓ ଏନ୍‌ଏସିର ୭ ଜଣ ଭାଜପା କାଉନସିଲରଙ୍କ ସମେତ ସମସ୍ତ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏନ୍‌ଏସି ମଣ୍ଡଳ ସଭାପତି ସମୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଫା କରିବା ବାହାନାରେ ଗହଣା ଧରି ଚମ୍ପଟ

ପରଜଙ୍ଗ,୮।୧୦
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁଆଳୋ ପଞ୍ଚାୟତ ପରମହଂସପୁର ଗ୍ରାମର ଅବସରପ୍ରାପ୍ତ ଥାନା ଅଧିକାରୀ ନରୋତ୍ତମ ସାହୁଙ୍କ ଘରୁ ୨ ଦୁର୍ବୃତ୍ତ ସୁନା ଗହଣା ସଫା କରିବା ଆଳରେ ୨ଟି ସୁନା ହାର, ଗୋଟିଏ ସୁନା ଚେନ ଧରି ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ପୂର୍ବାହ୍ନ ୧୧ଟାରେ ୨ଜଣ ଦୁର୍ବୃତ୍ତ ଏକ ମୋଟର ସାଇକେଲରେ ଆସି ଅଳଙ୍କାର ସଫା କରିବା ପାଇଁ ଘର ଲୋକଙ୍କୁ କହିଥିଲେ। ଘରର ମହିଳା ସଦସ୍ୟ ପ୍ରଥମେ ରୁପା ଅଳଙ୍କାର ଆଣି ସଫା କରିବା ପାଇଁ ଦେଇଥିଲେ। ଏହାପରେ ସୁନା ଅଳଙ୍କାର ଆଣି ଦେଇଥିଲେ। ତେବେ ସୁନା ଅଳଙ୍କାର ସଫା କରିବା ପରେ ଦୁର୍ବୃତ୍ତମାନେ ରୁମାଲରେ ତାହାକୁ ରଖି ଚମ୍ପଟ ମାରିଥିଲେ। ଏ ନେଇ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ମିଳିତ ଅମଳା ମଞ୍ଚ ପକ୍ଷରୁ ଆନ୍ଦୋଳନ ପ୍ରସ୍ତୁତି



ଜିଲାସ୍ତରୀୟ ମିଳିତ ଅମଳା ମଞ୍ଚର ଜରୁରୀ ବୈଠକ।

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ ମିଳିତ ଅମଳା ମଞ୍ଚର ଏକ ଜରୁରୀ ବୈଠକ ରବିବାର ମଞ୍ଚ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ବ୍ୟବଧାନ ପରେ ମଞ୍ଚର ଏକମାତ୍ର ଦାବି ୪୨୦୦ ଟଙ୍କା ଗ୍ରେଡ୍ ପେ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏହାକୁ ସଦସ୍ୟମାନେ ନିନ୍ଦା କରିଥିଲେ। ଏଥିସହିତ ପୁଣିଥରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ମଞ୍ଚ ଆବାହକ ଅରୁଣ କୁମାର ବଳିଆରସିଂଙ୍କ ଆହ୍ୱାନରେ ଏବଂ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲାସ୍ତରୀୟ ଅମଳାଙ୍କ ଏକମାତ୍ର ଦାବି ପୂରଣ କରିବରେ ରାଜ୍ୟ ସରକାରଙ୍କ ଉଦାସୀନତାକୁ ଉପସ୍ଥିତ ଥିବା ସମସ୍ତ ସଭ୍ୟାସଭ୍ୟ ଘୋର ନିନ୍ଦା କରିଥିଲେ। ସ୍ଥଗିତ ଆନ୍ଦୋଳନକୁ ପୁନର୍ବାର ଆରମ୍ଭ କରିବାକୁ ରାଜ୍ୟ ସଂଘକୁ ଅନୁରୋଧ କରିଥିଲେ। ଏହି ବୈଠକରେ ଓଡ଼ିଶା ଅମଳା ସଂଘ ସମ୍ପାଦକ ଗଣେଶଚନ୍ଦ୍ର ପୃଷ୍ଟି, ରାଜସ୍ୱ ଅମଳା ସଂଘ ସମ୍ପାଦକ ପ୍ରକାଶଚନ୍ଦ୍ର ସ୍ୱାଇଁ, ଟ୍ରେଜେରି ଅମଳା ସଂଘ ସଭାପତି ମାନସ ରଞ୍ଜନ ପାତ୍ର ଓ ସମ୍ପାଦକ ସଞ୍ଜୟ ସାହୁ, ସବ୍ ରେଜିଷ୍ଟର ଅମଳା ସଂଘ ସଭାପତି ରାଜୀବ ଲୋଚନ ସାହୁ ଓ ସମ୍ପାଦକ ଜ୍ଞାନରଞ୍ଜନ ମହାଲିକଙ୍କ ସମେତ ଜିଲାର ସମସ୍ତ ବିଭାଗର ଅମଳା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସ୍ଥଗିତ ଆନ୍ଦୋଳନ ପୁନର୍ବାର ଆସନ୍ତା ୨୫ ତାରିଖରୁ ଚାଲୁ କରିବା ପାଇଁ ରାଜ୍ୟ ସଂଘକୁ ସହଯୋଗ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଥିଲା।

## ତପୋବନ ପୀଠର ଉନ୍ନତି ପାଇଁ ୫୨ ଲକ୍ଷ ମଞ୍ଜୁର

ଢେଙ୍କାନାଳ,୮।୧୦(ରତନ ନାୟାର)



ମହିମା ତପୋବନ ପୀଠ।

ଢେଙ୍କାନାଳ ଜିଲା ସଦର ବ୍ଲକ ନାଗିଆପଶି ପଞ୍ଚାୟତ ଅଧୀନ କପିଳାସ ପର୍ବତମାଳାସ୍ଥିତ ମହିମା ତପୋବନ ପୀଠର ଉନ୍ନତି ପାଇଁ ରାଜ୍ୟ ସରକାର ୫୨ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅନୁଦାନରେ ତପୋବନ ପୀଠରେ ଥିବା ପାହାଚର ଉନ୍ନତି, ସୁରକ୍ଷା ପ୍ରାଚୀର, ଉନ୍ନତମାନର ଶୌଚାଳୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ବସିବାର ସୁବିଧା ଆଦି କରାଯିବ। ଏହିସବୁ ଉନ୍ନୟନମୂଳକ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଗତ ୫ ତାରିଖରେ ସଦର ବିଡିଓ ସୁଧୀର କୁମାର ନାୟକ, ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ନିମାଇଁ ଚରଣ ନାୟକ ଓ ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ପୀଠକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ପୀଠର ପ୍ରତିଷ୍ଠାତା ଶ୍ରୀମଦ୍ ରଘୁନାଥ ବାବା, ସହଯୋଗୀ କରୁଣାକର ବାବା, ଭକ୍ତ ପ୍ରଶାନ୍ତ ମହାପାତ୍ର ଓ ଶ୍ରୀକାନ୍ତ ଦେହୁରୀ ପ୍ରମୁଖ ଆଲୋଚନା କରିଥିଲେ। ମହିମାଧର୍ମର ଅନ୍ତୁଡିଶାଳ ଭାବେ ପରିଗଣିତ ଏହି ପୀଠର ଉନ୍ନତି ପାଇଁ ସରକାର ଅନୁଦାନ ମଞ୍ଜୁର କରିଥିବାରୁ ଶ୍ରୀମଦ୍ ରଘୁନାଥ ବାବା, ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓ ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ କୃତଜ୍ଞତା ଜ୍ଞାପନ କରିବା ସହ ତୁରନ୍ତ ତପୋବନ ରାସ୍ତାର ଦୃଢୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ସଚିବଙ୍କୁ ନିବେଦନ କରିଛନ୍ତି।

## ଆମ୍ବପଡ଼ା ଗ୍ରାମରେ ହାତୀ ଆତଙ୍କ

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଆମ୍ବପଡା ଗ୍ରାମରେ ରବିବାର ଭୋର ସମୟରେ ୨ଟି ଦନ୍ତାହାତୀଙ୍କ ଆତଙ୍କ ଯୋଗୁ ଅଞ୍ଚଳବାସୀ ଆତଙ୍କିତ ହୋଇ ରହିଛନ୍ତି । ଏହି ୨ ହତା ଆମ୍ବପଡା ଗ୍ରାମ ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଅଛନ୍ତି। ଫଳରେ ଆମ୍ବପଡା ସମେତ ଗୋରଡାପାଳ ଓ ରାଇବୋଲ ଗ୍ରାମର ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ରାତି ୮ଟା ପର୍ଯ୍ୟନ୍ତ ହାତୀ ଗୋଟିଏ ଜାଗାରେ ରହିଥିବାରୁ ଗ୍ରାମବାସୀଙ୍କ ନିଦ ହଜିଯାଇଛି। ଖବରପାଇ ବନ କର୍ମଚାରୀମାନେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରୁଛନ୍ତି ।

## ବାୟୁସେନାର ଅବଦାନ ଉପରେ ଆଲୋକପାତ

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ସିନର୍ଜୀ କଲେଜ ସମ୍ମୁଖରେ ଥିବା ଉଇଙ୍ଗ୍ କମାଣ୍ଡର ବିରଜା ଶଙ୍କର ସିଂହଦେଓଙ୍କ ବାସଭବନରେ ବାୟୁସେନା ସଂଘ ଢେଙ୍କାନାଳ ଶାଖା ତରଫରୁ ୯୧ତମ ବାୟୁସେନା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରିଗେଡିୟର କାମାକ୍ଷାପ୍ରସାଦ ସିଂହଦେଓ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, କର୍ଣ୍ଣେଲ୍ ଡ. ବସନ୍ତ କୁମାର ଦାସ, ମେଡିକାଲ ଅଫିସର ଇସିଏଚ୍‌ଏସ୍ ଏବଂ ଢେଙ୍କାନାଳ ଏକ୍ସ ସର୍ଭିସ୍‌ମ୍ୟାନ ସଭାପତି ସୁବେଦାର ମେଜର କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ ବାୟୁସେନା ପତାକା ଉତ୍ତୋଳନ କରାଯାଇଥିଲା। ବାୟୁସେନା ସଂଘ ଢେଙ୍କାନାଳ ଶାଖା ସଭାପତି ତପନ କୁମାର ପାଳ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଅତିଥିମାନେ ବାୟୁସେନାର ଅବଦାନ ଉପରେ ଆଲୋକପାତ କରିଥିଲେ। ବାୟୁସେନା ସଂଘ ସଭ୍ୟ ଶ୍ରୀନିବାସ ରାଉତ, ଅକ୍ଷୟ ଶତପଥୀ, ଅଖିଳ କୁମାର ରାଉତଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ ଏବଂ ସେମାନଙ୍କ ପରିବାରବର୍ଗ ଏହି ଉତ୍ସବରେ ଯୋଗଦାନ କରିଥିଲେ। ଶାଖା ସଂପାଦକ ପ୍ରଫୁଲ୍ଲ କୁମାର ସାହୁ ସଭା ପରିଚାଳନା କରିଥିଲେ। ଉପଦେଷ୍ଟା ଉଇଙ୍ଗ୍ କମାଣ୍ଡର ବିରଜା ଶଙ୍କର ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ।



ଢେଙ୍କାନାଳ ଶାଖା ତରଫରୁ ୯୧ତମ ବାୟୁସେନା ଦିବସ ପାଳନ କରାଯାଉଛି।

## ଶହୀଦ ଯବାନଙ୍କୁ ବିଧାୟକଙ୍କ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ,୮।୧୦
(ରତନ ନାୟାର)

ସିକିମ୍‌ରେ ମଙ୍ଗଳବାର ବାଦଲଫଟା ବର୍ଷା ପରେ ବନ୍ୟାରେ ଭାସିଯାଇ ପ୍ରାଣ ହରାଇଥିବା ଢେଙ୍କାନାଳ ଜିଲା ଭୁବନ ବ୍ଲକ ଦୀଘି ପଞ୍ଚାୟତ କେନ୍ଦୁଡିପ ଗ୍ରାମର ଓଡ଼ିଆ ଯବାନ ସରୋଜ କୁମାର ଦାସଙ୍କୁ ରବିବାର ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଶନିବାର ଅପରାହ୍ନ ୨ଟାରେ ଶହୀଦଙ୍କ ମରଶରୀର ସହ ଭୁବନେଶ୍ୱର ବିମାନ ବନ୍ଦରରୁ ବିଧାୟକ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ମରଶରୀର ତାଙ୍କ ଗ୍ରାମ ଅଭିମୁଖେ ଯାଇଥିଲା।

## ‘ମିଶନ ଶକ୍ତିରେ ସ୍ୱାବଲମ୍ବୀ ହେଉଛନ୍ତି ମା’



ଜନସମ୍ପର୍କ ପଦଯାତ୍ରାରେ ବିଧାୟକଙ୍କ ସମେତ ଦଳର କର୍ମକର୍ତ୍ତାମାନେ।

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ପୋରୁହଖୋଜ ଠାରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଗ୍ରାମାଞ୍ଚଳର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଯୋଜନାମାନ କାର୍ଯ୍ୟକାରୀ କରିଛନ୍ତି। ମିଶନ ଶକ୍ତି ଜରିଆରେ ମା’ ମାନେ ଆଜି ସ୍ୱାବଲମ୍ବୀ ହେବା ସହ ସମାଜ ନିର୍ମାଣ କ୍ଷେତ୍ରରେ ପ୍ରତିଷ୍ଠିତ ହେଲେଣି। ଏଥିପାଇଁ ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଗଁଦିଆ ବ୍ଲକର ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ସଦସ୍ୟ ସୁରେନ୍ଦ୍ର ହେମ୍ବ୍ରମ, ବିଧାୟକଙ୍କ ପ୍ରତିନିଧି ନିରାକାର ରାଉତ, ଜିଲା କୃଷକ ସଭାପତି ନରୋତ୍ତମ ସାହୁ, ଜିଲା ମହିଳା ଉପ ସଭାପତି ଉର୍ବଶୀ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ, ଗନ୍ଦିଆ ବ୍ଲକ ଯୁବ ବିଜେଡି ସଭାପତି ପ୍ରଦୀପ କୁମାର ରାଉତ, ନବ ସାମଲ, ସନ୍ତୋଷ ବିଶ୍ୱାଳ, ଅଜିତ କୁମାର ସାହୁ, ଗନ୍ଦିଆ ଛାତ୍ର ସଭାପତି ଜ୍ଞାନରଞ୍ଜନ ସିଂ, ଯୁବ ବିଜେଡି ସମ୍ପାଦକ ଗଗନ ବିହାରୀ ନାୟକ, ତାପସ ରାଉତ, ବଳରାମ ପରିଡା, ସନ୍ତୋଷ ବିଶ୍ୱାଳ, ଗଁଦିଆ ବ୍ଲକ ସଭାପତି ବିଶ୍ୱନାଥ ଜେନା ପ୍ରମୁଖଙ୍କ ସହ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ଏମ୍‌ପିଙ୍କୁ ଭେଟିଲେ କାପୁଡ଼ିଆ ସମାଜ କର୍ମକର୍ତ୍ତା

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ଆବାସିକ କାର୍ଯ୍ୟାଳୟଠାରେ ରବିବାର ଚାଲିଥିବା ଜନଶୁଣାଣିରେ ଭୁବନ ଏନ୍‌ଏସି କାପୁଡିଆ ସମାଜ ପକ୍ଷରୁ ଶ୍ରମିକ ସଙ୍ଗଠନ ସଭାପତି ସତ୍ୟ ବିହାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏମ୍‌ପିଙ୍କୁ ସାକ୍ଷାତ କରି କୋଠଘର ନିର୍ମାଣ ପାଇଁ ଅନୁଦାନ ଦେବାକୁ ନିବେଦନ କରିଥିଲେ। ପ୍ରମିଳା ଗୁରୁ, ନରୋତ୍ତମ ସାହୁ, ଚହଟି ଚରଣ ଗୁରୁ, ବାପିନ ସାହୁ, ଶିବୁ ପୋଥାଳ, ଆରତୀ ସାହୁଙ୍କ ସମେତ କାପୁଡିଆ ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏମ୍‌ପି ସାହୁ ଭୁବନ ଏନ୍‌ଏସି ୱାର୍ଡ ନଂ. ୧୪ର ବିଜେଡି ମହିଳା ସଭାନେତ୍ରୀ ପ୍ରଭାତୀ ସାହୁଙ୍କ ପ୍ରସ୍ତାବ କ୍ରମେ ଏକ ଭାଗବତ ଟୁଙ୍ଗି ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ପଛପାଖ ଆବାସିକ କାର୍ଯ୍ୟାଳୟରେ ପ୍ରତି ରବିବାର ଢେଙ୍କାନାଳ ଜିଲାର ଲୋକଙ୍କ ଆପତ୍ତି ଅଭିଯୋଗ ଏମ୍‌ପି ଶୁଣୁଥିବା ବେଳେ ତାଳଚେର ଥର୍ମାଲ ଆବାସିକ କାର୍ଯ୍ୟାଳୟରେ ପ୍ରତି ଶନିବାର ଅନୁଗୋଳ ଜିଲାର ଲୋକଙ୍କ ଅଭିଯୋଗର ଏମ୍‌ପି ଶୁଣାଣି କରୁଛନ୍ତି।



କାପୁଡିଆ ସମାଜ ପକ୍ଷରୁ ଏମ୍‌ପି ମହେଶ ସାହୁଙ୍କ ସହ ସାକ୍ଷାତ ଆଲୋଚନା କରାଯାଉଛି।

## ପାର୍ଟି ମାଲିକଙ୍କ ଉପରେ ବର୍ଷିଲା ଯାତ୍ରା କମିଟି ମହାସଂଘ

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ମହିଷାପାଟ ନିକଟରେ ହୋଟେଲ ନିରୁପମା ସମ୍ମିଳନୀ କକ୍ଷରେ ଯାତ୍ରା କମିଟି ମହାସଂଘ ଓଡ଼ିଶା ଓ ଢେଙ୍କାନାଳ ଯାତ୍ରା କମିଟି ପକ୍ଷରୁ ଏକ ମିଳିତ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଦସ୍ୟମାନେ ଯାତ୍ରା ପାର୍ଟିର ମାଲିକମାନଙ୍କ ଦୁର୍ବ୍ୟବହାର, ମାତ୍ରାଧିକ ଅର୍ଥଦାବି ଓ ଚୁକ୍ତି ଖିଲାପକୁ ନେଇ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ।

କମିଟି ସଦସ୍ୟମାନେ କହିଥିଲେ, ଯାତ୍ରା ପାର୍ଟି ମାଲିକମାନେ ମଞ୍ଚସ୍ଥ ନାଟକକୁ ନେଇ ରାତି ପିଛା ୨ରୁ ୩ଗୁଣା ଅର୍ଥ ଦାବି କରୁଛନ୍ତି। ଚୁକ୍ତି ଖିଲାପ କରୁଛନ୍ତି। ଯାତ୍ରା ପାର୍ଟିର ମାଲିକମାନଙ୍କ ଏଭଳି ଆଚରଣ ଯୋଗୁ ଯାତ୍ରା କମିଟିମାନେ ଅତ୍ୟଧିକ କ୍ଷତି ସହୁଛନ୍ତି। ଏହାଛଡା ପୋଲିସ ପ୍ରଶାସନର ଅନୁମତି ପାଇଁ ମାତ୍ରାଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହା ଫଳରେ ଅନେକ ଯାତ୍ରା କମିଟି କ୍ଷତି ସହିବା ସହିତ ନିନ୍ଦା ଅପବାଦର ଶିକାର ହେଉଛନ୍ତି। ଏଥିଯୋଗୁ ଅନେକ ଯାତ୍ରା କମିଟି ନିଜ ନିଜ ଅଞ୍ଚଳରେ ଯାତ୍ରା ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଣୁ ରାଜ୍ୟର ୩୦ଟି ଜିଲାରେ ଥିବା ଯାତ୍ରାକମିଟିଗୁଡ଼ିକୁ ଏକାଠି କରି ଓଡ଼ିଶା ମହାସଂଘରେ ସାମିଲ କରିବା ସହ ଏକ ସ୍ୱରରେ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଛି। ଏଣିକି ରାତିପିଛା ନାଟକର ମୂଲ୍ୟ କମିଟି ନିର୍ଦ୍ଧାରଣ କରିବ ବୋଲି ନିଷ୍ପତ୍ତି ହୋଇଛି। ନଚେତ ରାଜ୍ୟର କୌଣସି ସ୍ଥାନରେ ଯାତ୍ରା ହୋଇପାରିବ ନାହିଁ ବୋଲି କମିଟି ଚେତାବନୀ ଦେଇଛି। ଯାତ୍ରା କମିଟି ବିନା ଯାତ୍ରା ପାର୍ଟି ତିଷ୍ଠିବା ଅସମ୍ଭବ ବୋଲି ମତପ୍ରକାଶ ପାଇଛି। ସେହିପରି ଅଶ୍ଳୀଳତାକୁ ସୀମା ମଧ୍ୟରେ ରଖିବା ପାଇଁ କମିଟି ଆହ୍ୱାନ ଦେଇଛି। ଯାତ୍ରା କମିଟି ମହାସଂଘ ଓଡ଼ିଶା ସମ୍ପାଦକ ଉମାକାନ୍ତ ମିଶ୍ର, ରାଜ୍ୟ ସଂଯୋଜକ ମାନସ ରଞ୍ଜନ ରାୟସାମନ୍ତ, ସଂଯୋଜକ ଯଯାତି ନାୟକ, କେନ୍ଦ୍ରୀୟ ଜୋନ୍ ସମ୍ପାଦକ ସୋମନାଥ ପଣ୍ଡା, ଢେଙ୍କାନାଳ ଯାତ୍ରା କମିଟି ପକ୍ଷରୁ ଅକ୍ଷୟ ନାୟକ ଓ ଟୁଟୁ ବାବୁଙ୍କ ଆହ୍ୱାନରେ ୫୩ଟି ଯାତ୍ରା କମିଟି ସଦସ୍ୟ ଯୋଗ ଦେଇଥିଲେ।




ବୈଠକରେ ଯାତ୍ରା କମିଟି ମହାସଂଘ ଓ ଢେଙ୍କାନାଳ ଯାତ୍ରା କମିଟିର କର୍ମକର୍ତ୍ତାମାନେ।

## ସରକାରୀ ଯୋଜନା ସମ୍ପର୍କରେ କରାଗଲା ସଚେତନ

ଭୁବନ,୮।୧୦(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ଭୁବନ ଏନ୍‌ଏସି ଓ୍ୱାର୍ଡ ନମ୍ବର ୧ର ରାମମନ୍ଦିରଠାରୁ ବାହାରି ଲତାବିଲ, ୬ ନମ୍ବର ଓ୍ୱାର୍ଡ ଓ ୭ ନମ୍ବର ଓ୍ୱାର୍ଡ ପରିକ୍ରମା କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କ ନିକଟରେ ସୂଚନା ପହଞ୍ଚାଇ ସଚେତନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଏନଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ, ବିଜେଡି ଜିଲା ସମ୍ପାଦକ ଅଜୟ କୁମାର ସେଠୀ, ଭୁବନ ଏନ୍‌ଏସି ଯୁବ ବିଜେଡି ସଭାପତି ସନ୍ଦୀପ କୁମାର ପୃଷ୍ଟି, ୧ ନମ୍ବର ଓ୍ୱାର୍ଡର କାଉନସିଲର ଗିରିଧାରୀ ସାହୁ, ୭ ନମ୍ବର ଓ୍ୱାର୍ଡ କାଉନସିଲର ନରେନ୍ଦ୍ର ବେହେରା ଓ ୯ ନମ୍ବର ଓ୍ୱାର୍ଡ କାଉନସିଲର ପପୁ କୁମାର ସାହୁଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ରାମଚନ୍ଦ୍ର ସାହୁ, କ୍ଷୀରୋଦ କୁମାର ସାହୁ ଓ ବିଭିନ୍ନ ଓ୍ୱାର୍ଡର କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତୃବୃନ୍ଦ।

## ଲୋଭରେ ପଡ଼ି ହରାଇଲେ ଲକ୍ଷେ ଟଙ୍କା

ଅନୁଗୋଳ, ୮।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ଏକ ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ଅନିମେଶ ଶର୍ମା ଆଇଫୋନ୍ ଲୋଭରେ ପଡ଼ି ଲକ୍ଷେ ଟଙ୍କା ହରାଇଛନ୍ତି। ସାଇବର ଠକ ତାଙ୍କୁ ଭୁଆଁ ବୁଲାଇ ୯୯ ହଜାର ୭୪୦ ଟଙ୍କା ନେଇଯାଇଥିବା ସେ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୨୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା ଅନିମେଶ ଶର୍ମାଙ୍କ ଘର ରାଜସ୍ଥାନରେ ହୋଇଥିବାବେଳେ ସେ ଅନୁଗୋଳ ଜିଲାରେ ରହୁଛନ୍ତି। ଗତ ୪ ତାରିଖରେ ତାଙ୍କ ନିକଟକୁ ଏକ ଅଜଣା ଫୋନ୍ ନମ୍ବରରୁ କଲ୍ ଆସିଥିଲା। ଠକ ଜଣଙ୍କ ଅନିମେଶଙ୍କୁ ଅନ୍‌ଲାଇନ୍‌ରେ ବିଭିନ୍ନ ସାମଗ୍ରୀ କିଣିଲେ ରିୱାର୍ଡ ମିଳିବ ବୋଲି କହିଥିଲେ। ଅନିମେଶ ଆଇଫୋନ୍ କିଣିବାକୁ ଚାହିଁବାରୁ ଠକ ତାଙ୍କୁ ପ୍ରଥମେ ୫ ହଜାର ଟଙ୍କା ଦେବାକୁ କହିଥିଲେ। ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଚାଲୁ ହୋଇଯାଇଥିଲା। ସାଇବର ଠକ ହାବୁଡ଼ରେ ପଡ଼ିଥିବା ଜାଣିବା ପରେ ସେ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ ବୋଲି ଥାନା ଅଧିକାରୀ ବିଭୂତି ଭୂଷଣ ପ୍ରଧାନ ସୂଚନା ଦେଇଛନ୍ତି।

# ହାତୀ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନକୁ ସମର୍ଥନ

### ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟିର ବୈଠକ

ଅନୁଗୋଳ, ୮।୧୦ (ଅମିତ କୁମାର ସାମଲ)



ବୈଠକରେ ଜିଲା ଜନଜୀବନ ସୁରକ୍ଷା କମିଟିର କର୍ମକର୍ତ୍ତାମାନେ।

ଅନୁଗୋଳ ଜିଲା ବନ୍ତଲା ରେଞ୍ଜରେ ଦୀର୍ଘ ଦିନ ଧରି ହାତୀ ଉପଦ୍ରବ ଯୋଗୁ ବହୁ ଧନଜୀବନ ନଷ୍ଟ ହେଉଛି। କିନ୍ତୁ ବନ ବିଭାଗ ଓ ଜିଲା ପ୍ରଶାସନ ଉଦାସୀନ ରହୁଥିବାରୁ ଏହାକୁ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ରବିବାର ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର କରିବା, ମଣିଷ ମାରୁଥିବା ଦନ୍ତାହାତୀକୁ ଟ୍ରାଙ୍କୁଲାଇଜ୍ କରି ଅନ୍ୟତ୍ର ସ୍ଥାନାନ୍ତର, କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି। ଏପରି କି ହାତୀ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଦ୍ୱାରା ଆସନ୍ତା ୧୨ ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ହେବାକୁ ଥିବା ଗଣଆନ୍ଦୋଳନକୁ କମିଟି ପୂର୍ଣ୍ଣ ସମର୍ଥନ ବ୍ୟକ୍ତ କରିବ ବୋଲି ପ୍ରେସ୍ ବିବୃତିରେ ପ୍ରକାଶ କରାଯାଇଛି।

ପ୍ରକାଶ ଯେ, କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶିକ୍ଷକପଡାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର ଠାରେ ଅନୁଷ୍ଠିତ ହୋଇଥିଲା। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଅନ୍ୟତମ ଆବାହକ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ନିରୋଦ ଚନ୍ଦ୍ର ପାଳ, ତୀର୍ଥବାସୀ ଭୋଇ, ପଠାଣି ବାରିକ, ତ୍ରିଲୋଚନ ଜେନା, ତ୍ରେତାନନ୍ଦ ସାମନ୍ତ, କାଳନ୍ଦୀଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ହାତୀ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ରାଜ୍ୟ ସରକାରଙ୍କ ଘୋଷଣା ଏବଂ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଳଚେର ମେଡିକାଲ କଲେଜକୁ ୧ ଅକ୍ଟୋବରରୁ କାର୍ଯ୍ୟକ୍ଷମ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚରମ ବିଫଳତା ଏବଂ ଜିଲାବାସୀଙ୍କ ପ୍ରତି ପ୍ରତାରଣାକୁ ଦୃଢ଼ ନିନ୍ଦା କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁଗୋଳ ଜିଲାବାସୀଙ୍କ ଭାବାବେଗ ସହିତ ଖେଳ ନ ଖେଳି ତୁରନ୍ତ ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ପାଇଁ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା। ଅନୁଗୋଳ ଜିଲାରେ ଏକ ୨ ଶହ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିବା ବେଳେ ପି.ପି.ପି. ମୋଡ ପରିବର୍ତ୍ତେ ରାଜ୍ୟ ସରକାର ସିଧାସଳଖ ଏହାର ପରିଚାଳନା ପାଇଁ ଦାବି କରାଯାଇଥିଲା।

## ୬୫ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ, ୮।୧୦(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କାକୁଡ଼ିଆ କଲ୍ୟାଣମଣ୍ଡପ ଠାରେ କଣିହାଁ ବ୍ଲକ ବିଜୁ ଜନତା ଦଳ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରବିବାର ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ୍ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ ଯୁବ ବ୍ୟାପାର ଅଧ୍ୟକ୍ଷ ତଥା ଅନୁଗୋଳ ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, କାକୁଡ଼ିଆ ସରପଞ୍ଚ ଭାରତୀ ସାମଲ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ଯୁବ ବିଜେଡି ସଭାପତି ଗଗନ ରାଉତ, ପାଲଲହଡା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁବାସ ମହାନ୍ତି, କଳା ସଂସ୍କୃତି ସଭାପତି ମହେଶ୍ୱର ସାମଲ ପ୍ରମୁଖ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଜେଡି ସଦସ୍ୟଙ୍କ ସହ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର କର୍ମଚାରୀ, ଡେରେଙ୍ଗ ପଞ୍ଚାୟତ ସଭାପତି ପୁରୁଷୋତ୍ତମ ସାହୁ, କାକୁଡ଼ିଆ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁଶାନ୍ତ ସାହୁ, ଜିଲା ଉପ ସଭାପତି ବାବୁଲା ପ୍ରଧାନ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ ସାହୁ, କୃପାସିନ୍ଧୁ ସାହୁ, ଉମାକାନ୍ତ ସାମଲ, ସନ୍ତୋଷ ବେହେରା, ବିଷ୍ଣୁ ଚରଣ ଦାସ ନିରୋଜ କୁମାର ସାହୁ, ବିଭୂତି ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଶିବିରରେ ରକ୍ତଦାତାଙ୍କୁ ଅତିଥିମାନେ ଉତ୍ସାହିତ କରୁଛନ୍ତି।

## ବିଜେଡି ପକ୍ଷରୁ ରକ୍ତଦାନ ଶିବିର

ଅନୁଗୋଳ,୮।୧୦ (ଅମିତ କୁମାର ସାମଲ)

ଅକ୍ଟୋବର ୯ରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯିବ। ଏହି ଅବସରରେ ରବିବାର ଅନୁଗୋଳ ବ୍ଲକ ବଡକେରା ପଞ୍ଚାୟତରେ ବିଜେଡି ପକ୍ଷରୁ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ଜିଲା ଉପସଭାପତି କିଶୋର କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ସଞ୍ଜୀବ ସାହୁ, ବିଜେଡି ନେତା ସଞ୍ଜୟ ସାହୁ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରକୁ ବିଜୁ ଯୁବ ଜନତା ଦଳର ପଞ୍ଚାୟତ ଯୁବ ନେତା ବାପି ଜେନା, ସଞ୍ଜୟ ଜେନା, ସୁଜିତ ଦଳେଇ, ବିଶ୍ୱମ୍ଭର ଖୁଣ୍ଟିଆ, କାଲୁ ଜେନା, ନିରାକାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।




ଶିବିରରେ ଉପସ୍ଥିତ ଅତିଥିମାନେ।

## ବ୍ଲକସ୍ତରୀୟ କ୍ରିକେଟ୍ ଦଳ ଚୟନ




ଅତିଥିମାନଙ୍କ ସହ ଖେଳାଳିମାନେ।

ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ କନ୍ତପଡା ହାଇସ୍କୁଲ ପରିସରରେ ରବିବାର ୧୭ ବର୍ଷରୁ କମ୍ ବ୍ଲକସ୍ତରୀୟ କ୍ରିକେଟ ଖେଳାଳି ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଇଓ କୈବଲ୍ୟ କଅଁର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ଆଠମଲ୍ଲିକ ବ୍ଲକ କ୍ରୀଡା ସମ୍ପାଦକ ସତ୍ୟପ୍ରିୟ ପ୍ରଧାନ, ପ୍ରବୀଣ କୁମାର ପ୍ରଧାନ, ପ୍ରଧାନ ଶିକ୍ଷକ ବିବଶ କୁମାର ସାହୁ ଯୋଗ ଦେଇଥିଲେ। ଏଥିରେ ବ୍ଲକର ବିଭିନ୍ନ ହାଇସ୍କୁଲର ୪୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପରେ ୧୨ ଜଣଙ୍କୁ ଚୟନ କରାଯାଇ ବ୍ଲକସ୍ତରୀୟ ଟିମ ଗଠନ କରାଯାଇଥିଲା। ଆଗାମୀ ଦିନରେ ରଣିଆକଟା ଠାରେ ହେବାକୁ ଥିବା ଜିଲାସ୍ତରୀୟ ମ୍ୟାଚରେ ଏହି ଟିମ୍ ଅଂଶ ଗ୍ରହଣ କରିବ ବୋଲି ଜଣାପଡିଛି। ବିଶ୍ୱନାଥ ଦେହୁରୀ, ପ୍ରମୋଦ କୁମାର ନାୟକ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ବୀରେନ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୁରେଶ ଚନ୍ଦ୍ର ସାହୁ, ଭରତ ଚନ୍ଦ୍ର ପ୍ରଧାନ, ବନ ବିହାରୀ ପଣ୍ଡା, ପ୍ରଶ୍ନ କୁମାର ରଣା, ବଳଭଦ୍ର ବିଶାଳ, ଭରତ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ମିଶ୍ର ସହଯୋଗ କରିଥିଲେ।

## ଗଜଲକ୍ଷ୍ମୀ ପୂଜା ନିମନ୍ତେ ମାଟି ଅନୁକୂଳ

ତାଳଚେର,୮।୧୦ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ବିଭିନ୍ନ ପୂଜାମଣ୍ଡପର କାର୍ଯ୍ୟକର୍ତ୍ତାମାନେ ପ୍ରସ୍ତୁତି ପର୍ବ ଆରମ୍ଭ ଆରମ୍ଭ କରିଛନ୍ତି। ଏହି କ୍ରମରେ ରବିବାର ମହାଲକ୍ଷ୍ମୀ ପୂଜା କମିଟି, ବାଉଁଶଗାଡିଆ ସାହି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ନିମନ୍ତେ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଳପ୍ରସାଦସ୍ଥିତ ଗଜରାଜ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଟି ଅନୁକୂଳ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। ଏଥିରେ ବସନ୍ତ ସାହୁ କର୍ତ୍ତା ଭାବରେ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ପିଣ୍ଟୁ ସାହୁ, ଚଗଲା ସାହୁ, ଦିପୁ ସାହୁ, ଗଙ୍ଗୁଲୁ ସାହୁ, ଗୁନୁ ସାହୁ, ସୁଜିତ୍ ସାହୁଙ୍କ ସମେତ ସମସ୍ତ ପୂଜା କମିଟି ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ କରାଯାଉଛି।

## ଖମାର ଫୁଟ୍‌ବଲ କପ୍: ଉଇଁଚା ଚାମ୍ପିୟନ



ଛେଣ୍ଡିପଦା,୮।୧୦ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଖମାର ଗ୍ରାମର ତିଳେଇପଶି ଠାରେ ରବିବାର ଖମାର ସ୍ପୋର୍ଟସ କ୍ଲବ ସଦସ୍ୟଙ୍କ ପକ୍ଷରୁ ଆୟୋଜିତ ଏକଦିବସୀୟ ଫୁଟବଲ କପ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କ୍ଲବସଭାପତି ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ଅନୁଗୋଳର ଜରଡା, ବାଗଡିଆ, ପାଟକୁମୁଣ୍ଡା, ଖମାର, ଶାଳଖମଣ, ଜେରେଙ୍ଗ ଓ ସମ୍ବଲପୁରରର ମାଝିପାଲି, ନାକଟିଦେଉଳର ଉଇଁଚା ଦଳଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଜରଡା ଦଳକୁ ୫-୩ ଗୋଲରେ ହରାଇ ଉଇଁଚା ଦଳ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ କ୍ଷିରୋଦିନୀ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିରକିଶୋର ନାଥ, ରମେଶ ସାହୁ, ପ୍ରାଧ୍ୟାପକ ଭୋଳେଶ୍ୱର ପ୍ରଧାନ, ଖମାର ଗ୍ରାମ ସଭାପତି ନେତ୍ରାନନ୍ଦ ଗଡନାୟକ, ସମ୍ପାଦକ ହେମନ୍ତ ବିଶ୍ୱାଳ, ପୂର୍ବତନ ସମ୍ପାଦକ ଘାସିରାମ ମାଝି ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜରଡା ଓ ଉଇଁଚା ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ତେବେ ଟାଇବ୍ରେକର ସହାୟତାରେ ଉଇଁଚା ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସହକାରୀ ଗୋଷ୍ଠୀଶିକ୍ଷା ଅଧିକାରୀ ଈଶ୍ୱର ପ୍ରଧାନ, ଟାଙ୍ଗିରୀ ସରପଞ୍ଚ ଅମରେଶ ନାଥ, ପୂର୍ବତନ ସରପଞ୍ଚ ବିଜୟ କୁମାର ଗଡନାୟକ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଧନଞ୍ଜୟ ମହାକୁଡ ଓ ତୁଷାର ମହାପାତ୍ର ପରିଚାଳନା କରିଥିଲେ। ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ବଦଳିଲେ ପୋଲିସ ଅଧିକାରୀ, ମାମଲା ରୁଜୁ

ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଅଞ୍ଚଳ ଜଣେ ମହିଳାଙ୍କ ଘରେ ପଶି ମହିଳାଙ୍କୁ ପ୍ରେମ ନିବେଦନ କରି ଚର୍ଚ୍ଚାରେ ଥିବା ଜଣେ ପୋଲିସ ଅଧିକାରୀଙ୍କ ଶନିବାର ଜିଲା ହେଡକ୍ୱାର୍ଟରକୁ ବଦଳି ହୋଇଛି। ଏ ନେଇ ମହିଳାଙ୍କ ଅଭିଯୋଗ କ୍ରମେ ଥାନାରେ ଆଇଆଇସି ପ୍ରିୟବ୍ରତ ଦାସ ନଂ. ୨୨୬/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ଗତ ଶୁକ୍ରବାର ସନ୍ଧ୍ୟାରେ ସମ୍ପୃକ୍ତ ପୋଲିସ ଅଧିକାରୀ ମହିଳାଙ୍କ ଘରକୁ ଯାଇ ଏକ ମାମଲା ରଫାଦଫା କରିଦେବାକୁ କହିବା ସହ ପ୍ରେମ ନିବେଦନ କରିଥିଲେ। ଏପରିକି ମହିଳାଙ୍କୁ ଅସଦାଚରଣ କରିବା ସହ ସମ୍ପର୍କ ସୃଷ୍ଟି କରିବା ପାଇଁ ରୁମ୍ ମଧ୍ୟକୁ ପଶିଯାଇଥିଲେ। ମହିଳା ଜଣଙ୍କ କୌଶଳ କ୍ରମେ ଖସି ଆସି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ତାଲା ପକାଇ ରଖାଯାଇଥିଲା। ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଆଇଆଇସି ପହଞ୍ଚି ବନ୍ଦ କୋଠରୀରୁ ଉଦ୍ଧାର କରିଥିଲେ।

## ଭବିଷ୍ୟତକୁ ପ୍ରଭାବିତ କରିବ ବନାଗ୍ନି

ଆଠମଲ୍ଲିକ,୮।୧୦ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଜଙ୍ଗଲ ବିଭାଗ ପକ୍ଷରୁ 'ଆମ ସଂସ୍କୃତିରେ ବନ୍ୟ ପ୍ରାଣୀ' ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ବନଖଣ୍ଡ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ୍ୟପ୍ରାଣୀ ସଂରକ୍ଷଣରେ ସହାଭାଗିତା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡିଏଫଓ ସନ୍ତୋଷ କୁମାର କପୁଲା, ସାମ୍ମାନିତ ଅଥିତି ଭାବେ ଏସିଏଫ ଗୌରୀ ଶଙ୍କର ଦାସ, ଏସିଏଫ ସଚ୍ଚିଦାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇ ଜଙ୍ଗଲ ପରିବେଶକୁ ସୁରକ୍ଷା ଦେବାକୁ ହେଲେ ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଜରୁରୀ ବୋଲି କହିଥିଲେ। ସେହିପରି ବନାଗ୍ନି ୧୦୦ ବର୍ଷର ଭବିଷ୍ୟତକୁ ପ୍ରଭାବିତ କରିବ ବୋଲି ଚେତାଇ ଦେଇଥିଲେ। ବନପାଳ ଗୌରୀ ଚରଣ ଦନ୍ତା ଜଙ୍ଗଲ ସୁରକ୍ଷା ଉପରେ କବିତା ପାଠ କରିଥିଲେ। ମାଧପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମହାର ଉପସ୍ଥିତ ଥିଲେ। ବନଖଣ୍ଡ ଅଧୀନ ୫ଟି ରେଞ୍ଜରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରେଞ୍ଜର ସୁନୀଲ କୁମାର ସାହୁ, ରେଞ୍ଜର ସନ୍ତୋଷ କୁମାର ଭୋଇ, କର୍ମଚାରୀ ଗିରିଜା ଶଙ୍କର ଦାସ, ଆଠମଲ୍ଲିକ ବନପାଳ ଆଲୋକ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

## ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଆଲୋଚନା

ଅନୁଗୋଳ, ୮।୧୦ (ଅମିତ କୁମାର ସାମଲ)

ସୂର୍ଯ୍ୟ ଇକୋ ରିସୋର୍ଟସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ୬୯ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଗୋଳ ବ୍ଲକ ମାଣିକଯୋଡ଼ି ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହେମନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ପରିବେଶବିଜ୍ଞାନୀ ଡ. ମିହିର ପଟ୍ଟନାୟକ, ରିସୋର୍ଟସର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ପଟ୍ଟନାୟକ, କୁଳମଣି ନାୟକ, ସ୍ଥାନୀୟ ସରପଞ୍ଚ ସୁରସେନ ପ୍ରଧାନ, ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ସାହୁ, ଅନୁଗୋଳ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ତନୁଜ ଦାସ ପ୍ରମୁଖ ଯୋଗଦେଇ ପରିବେଶ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଆଲୋଚନା କରିବା ସହିତ ଲୋକମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ରିସୋର୍ଟସ୍‌ର ନିର୍ଦ୍ଦେଶିକା ସଙ୍ଗୀତା ପଟ୍ଟନାୟକ, ତିଥି ପଟ୍ଟନାୟକ, ପ୍ରୀତମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ହୋଟେଲ ସୂର୍ଯ୍ୟଗାର୍ଡେନ୍‌ର ମହାପ୍ରବନ୍ଧକ ଦେବବ୍ରତ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରିସୋର୍ଟସର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସଚେତନତା ପାଇଁ ମାରାଥନ୍, ସାଇକ୍ଲୋଥନ୍

ଅନୁଗୋଳ, ୮।୧୦ (ଅମିତ କୁମାର ସାମଲ)



ସଚେତନତା କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ଅନୁଗୋଳ ଜିଲା ପୋଲିସ ପକ୍ଷରୁ ସାଇବର ସଚେତନତା ପାଇଁ ରବିବାର ସକାଳେ ଏକ ମାରାଥନ୍ ଓ ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩ଶହରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀ ସାମିଲ ହୋଇଥିଲେ। ସକାଳ ସାଢ଼େ ୭ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଜେ.ଏନ୍. ପଙ୍କଜ, ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଅନୁଗୋଳ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅନୁଗୋଳ ଆଡିଶନାଲ ଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁ, ବିକ୍ରମ କେଶରୀ ଭୋଇ, ଡିଏସ୍‌ପି ଅକ୍ଷୟ କୁମାର ପଣ୍ଡା, ଯୋଗେଶ୍ୱରୀ ବେହେରା, ଜିତେନ୍ଦ୍ର କୁମାର ଦଳେଇ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ମରାଥନ୍‌ରେ ଜଗନ୍ନାଥ ମନ୍ଦିର ନିକଟରୁ ବାହାରି ଶିଶୁ ଉଦ୍ୟାନ ଦେଇ ଥାନା ଛକ ଓ ପରେ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେହିଭଳି ସାଇକ୍ଲୋଥନ୍‌ରେ ଛାତ୍ରୀଛାତ୍ରମାନେ ଜଗନ୍ନାଥ ମନ୍ଦିର ନିକଟରୁ ବାହାରି ତାମ୍ରିତ କଲୋନୀ ଦେଇ ରାଜ୍ ହୋଟେଲ ଛକ ହୋଇ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୨ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଗୋଳ ସାଇବର ଥାନା ଅଧିକାରୀ ବିଭୂତି ଭୂଷଣ ପ୍ରଧାନ, ଅନୁଗୋଳ ଜିଲା ରିଜର୍ଭ ପୋଲିସ ଇନ୍ସପେକ୍ଟର ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଟ୍ୟାଙ୍କର ଧକ୍କାରେ ଜଳିଗଲା ସ୍କୁଟି

ସାତମାଇଲ,୮।୧୦ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥର ପୋଡାପଡା ଠାରେ ଟ୍ୟାଙ୍କର ଧକ୍କାରେ ଏକ ସ୍କୁଟି ଜଳିଯିବା ସହିତ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟାରେ ପୋଡାପଡା ଗ୍ରାମର ସମୀର ରାଉତ (୨୯) ସ୍କୁଟି ନେଇ ଜିରଖୋଲ ଆଡୁ ଘରକୁ ଫେରୁଥିବା ବେଳେ ପଛପଟରୁ ଆସୁଥିବା ଏକ ତେଲ ଟ୍ୟାଙ୍କର (ନଂ. ଓଡି୧୯ଡି-୭୭୧୬) ପୋଡାପଡା ଛକ ନିକଟରେ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଆରୋହୀ ରାସ୍ତା କଡକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ଘଟଣାଇଥିବା ଟ୍ୟାଙ୍କର ସ୍କୁଟିକୁ କିଛି ବାଟ ଘୋଷାରି ନେବାରୁ ସେଥିରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକମାନେ ଗୁରୁତରଙ୍କୁ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନାକୁ ପଠାଇଥିଲେ। ଟ୍ୟାଙ୍କର ଚାଳକ ହିନ୍ଦୋଳ ରୋଡ୍ ଫାଣ୍ଡିରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ଏ ନେଇ ହିନ୍ଦୋଳ ରୋଡ୍ ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ ପ୍ରକାଶ।

# ବିକାଶକୁ ଗୁରୁତ୍ୱ ଦେଉଛନ୍ତି ନବୀନ ସରକାର



କିଶୋରନଗର ବ୍ଲକ ହିମିତିରାରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)

ଗ୍ରାମାଞ୍ଚଳର କିଭଳି ବିକାଶ ହେବ ସେ ନେଇ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ପ୍ରତ୍ୟେକ ଅଞ୍ଚଳରେ ପିଇବା ପାଣି, ରାସ୍ତା, ସ୍ୱାସ୍ଥ୍ୟସେବା ପହଞ୍ଚାଇବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିସହ ମହିଳା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବାକୁ ବିନା ସୁଧରେ ଋଣ ଯୋଗାଇ ଦେଉଛନ୍ତି। ତେଣୁ ବିଜେଡି ସରକାରକୁ ସବୁବେଳେ ଆଶୀର୍ବାଦ ଦିଅନ୍ତୁ ବୋଲି ରବିବାର କିଶୋରନଗର ବ୍ଲକ ହିମିତିରାରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ଯୋଗ ଦେଇଥିବା ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଏହି ପଦଯାତ୍ରା ହିମିତିରା ଗ୍ରାମରୁ ଆରମ୍ଭ ହୋଇ ଘୋଷାର, ଧଉରାପାଲି, କିଶୋରନଗର, ଜଏରାଟ ଅଞ୍ଚଳ ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀ କାନ୍ତ ପ୍ରଧାନ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, କିଶୋରନଗର ବ୍ଲକ ଅଧକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ଆଠମଲ୍ଲିକ ଏନ୍ଏସି ଅଧକ୍ଷା ଆଶା କୁମାରୀ ସାହୁ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ସାହୁ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ପ୍ରଧାନ, ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ଜଏରାଟ ସରପଞ୍ଚ ବିଜୟ ରଥ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ସରୋଜ କୁମାର ରାଉଳଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।

# ନଦୀରେ ବୁଡ଼ି ଯୁବକ ମୃତ

କଣିହାଁ,୮।୧୦ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପୋଲିସ କହିଛି, ରେଙ୍ଗାଳି ଗ୍ରାମର ସୁରେଶ ସେଠୀ(୫୩) ଶନିବାର ମଧ୍ୟାହ୍ନରେ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗୋଡ ଖସିଯିବାରୁ ସେ ନଦୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ନଦୀ କୂଳରେ ଖୋଜାଖୋଜି କରି ପାଇ ନ ଥିଲେ। ସନ୍ଧ୍ୟାରେ ନଦୀରେ ମୃତଦେହ ଭାସୁଥିବାର ଖବରପାଇ ପୋଲିସକୁ ଜଣାଇଥିଲେ। ମୃତକଙ୍କ ପୁଅ ଗୋବିନ୍ଦ ସେଠୀଙ୍କ ଅଭିଯୋଗ ଆଧାରରେ ପୋଲିସ ଗ୍ରାମବାସୀଙ୍କ ସହାୟତାରେ ନଦୀରୁ ମୃତଦେହ ବାହାର କରି ଜବତ କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ପଠାଯାଇଥିବା ଆଇଆଇସି ନରେଶ ସାହୁ ସୂଚନା ଦେଇଛନ୍ତି।

# ଶୋଷଣମୁକ୍ତ ସମାଜ ଗଠନ ଆହ୍ୱାନ

କଣିହାଁ, ୮।୧୦( ସଚ୍ଚିଦାନନ୍ଦ ପ୍ରଧାନ)

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ କଣିହାଁ ବ୍ଲକ କମିଟି ପକ୍ଷରୁ ଗଦାଶିଳା ଗୋଷ୍ଠୀ କେନ୍ଦ୍ରଠାରେ ରବିବାର ଏକ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସଙ୍ଗଠନର ବ୍ଲକ ଉପ ସଭାନେତ୍ରୀ ନିର୍ମଳା ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସମ୍ପାଦିକା ମାନସୀ ସ୍ୱାଇଁ ଯୋଗଦେଇ ବଢୁଥିବା ନାରୀ ନିର୍ଯାତନାର ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ସଭ୍ୟ ତଥା ଅନୁଗୋଳ ଜିଲା ସମ୍ପାଦକ ଭିକାରୀ ପ୍ରଧାନ ଯୋଗଦେଇ ଶୋଷଣ ମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ ସମ୍ପାଦିକା ସମ୍ମିଳନୀର ଚିଠା ପ୍ରସ୍ତାବ ଆଗତ କରିଥିବା ବେଳେ ସଙ୍ଗଠିକା ଜେମାମଣି ନାଏକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବ୍ଲକରେ ସଙ୍ଗଠନକୁ ମଜଭୁତ କରିବା ପାଇଁ କମିଟି ଉପଦେଷ୍ଟା ଭାବେ ବୈଦେହୀ ପ୍ରଧାନ, ସଭାପତି ଭାବେ ପ୍ରଗତିବାଳା ନାୟକ, ଉପସଭାପତି ଗୌରୀ ନାଏକ ଓ ଲିଲି ସାହୁ, ସମ୍ପାଦିକ ମିନତି ସାମଲ, ସହ ସମ୍ପାଦିକା ଜେମାମଣି ନାଏକ, କୋଷାଧକ୍ଷା ସଙ୍ଗୀତା ସିଂ ଏବଂ କାର୍ଯ୍ୟକାରୀ ସଭ୍ୟା ଭାବେ କାବେରୀ ଜେନା, ସୁଷମା ନାଏକ, ମୀନା ନାଏକ, ସୁନିତି ସାହୁ, ଦୃତି ନାଏକ, ପ୍ରମିଳା ନାଏକ, ତହଟ ସାହୁ, ଉଷା ନାଏକ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।



ମହିଳା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

# ଭଲ ପଢ଼ିଲେ ବଡ଼ ମଣିଷ ହେବ

ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)

ବଡ଼ ମଣିଷ ହେବାକୁ ହେଲେ ଭଲ ଶିକ୍ଷା ଉପାର୍ଜନ କରିବାକୁ ପଡିବ। ସବୁବେଳେ ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରନ୍ତୁ। ସେମାନେ ଦେଶର ଭବିଷ୍ୟତ ବୋଲି ଶୁକ୍ରବାର ପାଇକସାହି ଡିଗ୍ରୀ କାଶୀ ବିଶ୍ୱନାଥ ମହାବିଦ୍ୟାଳୟରେ ଅନୁଷ୍ଠିତ ଛାତ୍ରୀଛାତ୍ରଙ୍କ କଲେଜ ପ୍ରବେଶ ଉସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ତୋଫାନ ମହାନନ୍ଦିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ସଭାପତି ନିରୋଜ କାନ୍ତ ସାହୁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଅଧାପିକା ଜସ୍ମିନ ନାୟକ, ଶିବାନୀ ରାଉତ, ବୀଣାପାଣି ନାୟକ, ଅଧାପକ ସରୋଜ କର, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କୁ ଦାବିପତ୍ର

ତାଳଚେର,୮।୧୦ (ମନୋଜ ନନ୍ଦ)

କୋଇଲା ଖଣିରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ଦଶହରା ବୋନସ ପ୍ରଦାନ ପାଇଁ ତାଳଚେର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ଏକ ଦାବିପତ୍ର ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଛି। ଶ୍ରମିକ ସଂଘ ସଭାପତି ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଜଗନ୍ନାଥ କ୍ଷେତ୍ର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦାନ କରିବା ସହିତ ଏପିଏମ୍ ବିରଞ୍ଚି ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, କୋଇଲା ଉତ୍ପାଦନ ପାଇଁ ଏମ୍‌ସିଏଲ୍‌ର ବିଭିନ୍ନ ଖଣିରେ ଠିକା ଶ୍ରମିକମାନେ ନିୟୋଜିତ ଅଛନ୍ତି। କୋଇଲା ଉତ୍ପାଦନର ୬୦ ପ୍ରତିଶତ ତାଳଚେର ଏମ୍‌ସିଏଲ୍ ଦ୍ୱାରା ହୋଇଥାଏ। ଚଳିତ ବର୍ଷ ଦଶହରା ପର୍ବ ଆସନ୍ତା ୨୪ ତାରିଖରେ ପାଳନ କରାଯିବ। କିନ୍ତୁ ଏଯାଏ କୋଇଲା ଖଣିର ସ୍ଥାୟୀ କର୍ମଚାରୀଙ୍କ ବୋନସ ଏବଂ ପିଏଲ୍‌ଆର୍‌ଏସ୍ ବୋନସ ଚୂଡ଼ାନ୍ତ ହୋଇନାହିଁ। ଦଶହରା ପୂର୍ବରୁ ଚୁକ୍ତିଭିତ୍ତିକ ଠିକା ଶ୍ରମିକମାନଙ୍କୁ ବୋନସ ପ୍ରଦାନ ପାଇଁ ଶୀଘ୍ର ପଦକ୍ଷେପ ନିଆଯାଉ। ଆସନ୍ତା ୨୦ ତାରିଖ ସୁଦ୍ଧା ବୋନସ ପ୍ରଦାନ କରା ନ ଗଲେ ବାଧ ହୋଇ ସଂଘ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଭାପତି ପ୍ରଧାନ ଲିଖିତ ଭାବେ ଜଣାଇଛନ୍ତି।


ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ୪ ଶହ ଆମ୍ବଚାରା ରୋପଣ

ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତର ଏକ ପତିତ ୬ ଏକର ଜାଗାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଏଥିରେ ୪ ଶହ ଆମ୍ବ ଗଛ ଲଗାଯାଇଥିବା ବେଳେ ଏହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା, ପାଇକସାହି ସରପଞ୍ଚ ନିରୋଜ କାନ୍ତ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ସାହୁ, ପ୍ରଦୀପ ସାହୁ, ଶିଶିର ବାଘ, ନାଏବ ସରପଞ୍ଚ ଦୁଖବନ୍ଧୁ କୁଦେଇଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।


ପତିତ ଜମିରେ ଚାରା ରୋପଣ କରାଯାଉଛି।

# ଜୈବ ବିବିଧତା ସୁରକ୍ଷିତ ଉପରେ ଗୁରୁତ୍ୱାରୋପ

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ବନ ବିଭାଗ ଓ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ହିନ୍ଦୋଳ ରସିପାଳ ବିଦ୍ୟାଳୟରେ ବନ୍ୟଜନ୍ତୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ରେଞ୍ଜ୍ ଅଫିସର ଲୋହିତ କୁମାର ରଥ, ରସିପାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାସ, ବନ୍ୟପ୍ରାଣୀ ୱାର୍ଡେନ ବିଜୟ କୁମାର ଦାସଙ୍କ ସହିତ ଟାଟାଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ ସମ୍ପର୍କ ମୁଖ୍ୟ ନୃସିଂହ ଚରଣ ମହାପାତ୍ର, ପରିବେଶ ଓ ସଷ୍ଟେନେବିଲିଟି ଏରିଆ ମ୍ୟାନେଜର ନୃସିଂହ ଏସ୍ ଥାରା ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ବନ୍ୟଜନ୍ତୁ ସଂରକ୍ଷଣ ଓ ପରିବେଶ ନିରନ୍ତରତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ଅଂଶଗ୍ରହଣକାରୀମାନେ ବନ୍ୟପ୍ରାଣୀ ସପ୍ତାହ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଏହି ଅଞ୍ଚଳର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋହିତ କୁମାର ରଥ ସ୍ଥାନୀୟ ବନ୍ୟପ୍ରାଣୀ ଓ ସଂରକ୍ଷଣ ପ୍ରୟାସ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ବିବିଧତା ସମ୍ପର୍କିତ ଏକ ଡକ୍ୟୁମେଣ୍ଟାରି ଭିଡିଓ ପ୍ରଦର୍ଶିତ ହୋଇଥିଲା। ସେହିପରି ବନ୍ୟପ୍ରାଣୀଙ୍କ ଉପରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ସମ୍ମାନିତ କରାଯାଇ ପୁରସ୍କୃତ କରାଯାଇଥିଲା।



ବନ୍ୟପ୍ରାଣୀ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ପରଜଙ୍ଗ,୮।୧୦ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି କୁଲେଇ ଗ୍ରାମ ନିକଟ ୧୪୯ ନଂ, ଜାତୀୟ ରାଜପଥ ଉପରେ ଏକ ୧୪ ଚକିଆ ଟ୍ରକ୍ ଧକ୍କା ଦେବାରୁ ମୋଟର ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ଅନୁଗୋଳ ଜିଲା ବଣ୍ଟାଁରପାଳ ଥାନା ନରେନ୍ଦ୍ରପୁର ଗ୍ରାମର ଜିତେନ୍ଦ୍ର ଗଡନାୟକ। ସେ ଶ୍ୱଶୁର ଘର ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତର ୫ ନମ୍ବର କଲୋନୀକୁ ଆସିଥିଲେ। ସେଠାରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଅପରାହ୍ନ ୨ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ପ୍ରତି ଘରେ ପହଞ୍ଚାଅ ବିକାଶ ବାର୍ତ୍ତା


ବିଜେଡିର ଜନ ସମ୍ପର୍କ ପଦଯାତ୍ରାରେ ବିଧାୟିକାଙ୍କ ସମେତ ନେତାମାନେ।

ସାତମାଇଲ,୮।୧୦(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡ଼ିଶା ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ଜନ କଲ୍ୟାଣକାରୀ ଯୋଜନା ଏବଂ ନବୀନ ଓଡ଼ିଶାର ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବାକୁ ବିଧାୟିକା ନାୟକ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଜଣାଇଥିଲେ। ଉକ୍ତ ପଦଯାତ୍ରାରେ ବିଜେଡି ବ୍ଲକ ସଭାପତି ବରୁଣ ସର, ବ୍ଲକ ଅଧକ୍ଷା ସସ୍ମିତା ନାୟକ, ଏନ୍ଏସି ଚେୟାରମ୍ୟାନ କେଶବ ପ୍ରଧାନ, ଜିଲା ପରିଷଦ ସଦସ୍ୟ ସୁମନ୍ତ ଦେହୁରୀ, ସଦସ୍ୟା ଉର୍ମିଳା ବେହେରା, କବିତାଞ୍ଜଳି ବେହେରା, ରୁନା ସାହୁ, ସଞ୍ଜୟ ପାଳ, ଦେବରାଜ ପଣ୍ଡା, ଅନେକ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଦଳୀୟ କାଉନସିଲରଙ୍କ ସମେତ ବହୁ କର୍ମକର୍ତ୍ତା ଅଂଶଗ୍ରହଣ ଜରିଥିଲେ।

# ଭିନ୍ନକ୍ଷମ ଶିଶୁମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା

ଢେଙ୍କାନାଳ,୮।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ଫିଜିଓଥେରାପି କେନ୍ଦ୍ରଠାରେ ଶୁକ୍ରବାର ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ୧୭୦ ଭିନ୍ନକ୍ଷମ ଶିଶୁମାନଙ୍କୁ ଡକ୍ତର କୃଷ୍ଣଚନ୍ଦ୍ର ରାୟ ଓ ଡାକ୍ତର ରଶ୍ମି ରଞ୍ଜନ ଦାସ, ଫିଜିଓଥେରାପି ଡାକ୍ତର ନିବେଦିତା ନାୟକ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ବଣ୍ଟନ କରିଥିଲେ। ଭିନ୍ନକ୍ଷମ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ, ଶୁଖିଲା ଖାଦ୍ୟ ଓ ପ୍ରୋତ୍ସାହନ ରାଶି ୧୦୦୦ ଟଙ୍କା ମୁଖ୍ୟ ଅତିଥି ବଣ୍ଟନ କରିଥିଲେ। ଟଙ୍କଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଲନ ପ୍ରଭା ସେନାପତି, ସ୍ୱାଗତିକା ରାଉତ, ସୌଭାଗ୍ୟ ଲକ୍ଷ୍ମୀ ତରାଇ, ପଙ୍କଜିନୀ ବେହେରା, ସୋନାଲି ଧଳ, ଅନ୍ନପୂର୍ଣ୍ଣା ଧଳ ସହଯୋଗ କରିଥିଲେ।


ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳନ ଅବସରରେ ଭିନ୍ନକ୍ଷମ ଶିଶୁମାନେ।

# ଏକବିଂଶ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଶତାବ୍ଦୀ ହେବ



ରସାୟନ ବିଭାଗର ସମ୍ମାନରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ରସାୟନ ବିଭାଗର ଏକ ସମ୍ମାନ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବିଶିଷ୍ଟ ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର କହିଲେ ଯେ, ଏକବିଂଶ ଶତାବ୍ଦୀରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭାରତର ଶତାବ୍ଦୀ ହେବ। ଏଥିସହିତ ଡ. ମିଶ୍ର ଭାରତର ଅଗ୍ରଗତି ଓ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ମହାବିଦ୍ୟାଳୟ ଅଧକ୍ଷ ପ୍ରେଫସର ରଞ୍ଜିତ କୁମାର ପ୍ରଧାନ, ଭାରତ ବର୍ଷରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସ୍ୱର୍ଣ୍ଣିମ ଅଧ୍ୟାୟ ଓ ଭବିଷ୍ୟତର ରୂପରେଖ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଅଧିବେଶନ ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ. ଦେବାଶିଷ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁଜାତା କୁମାରୀ ବେହେରା ଅତିଥି ପରିଚୟ ଦେଇଥିଲେ। ଡ. ନୀଳାଦ୍ରି ବିହାରୀ ଦେବତା ସମ୍ମାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧିବେଶନ ପ୍ରାରମ୍ଭରେ ବିଭାଗର ପ୍ରାଚିରପତ୍ର 'ଆରୋମା' ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ବିଭାଗର ନୂତନ ଭାବେ ଯୋଗ ଦେଇଥିବା ୩ ଅଧାପିକା ଅଧାପକ ଡ. ସୁପ୍ରଭା ମହାରଣା, ଡ. ନୀଳାଦ୍ରି ବିହାରୀ ଦେବତା ଓ ସସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା ସସ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧିବେଶନରେ ସ୍ନାତକ ଓ ସ୍ନାତକୋତ୍ତର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପବିତ୍ର କୁମାର ବେହେରା, ସୁଧୀର କୁମାର ବେହେରା, ପ୍ରକାଶ କୁମାର ବେହେରା, ସୌମ୍ୟ ରଞ୍ଜନ ମିଶ୍ର, ପ୍ରୀତମ କୁମାର ଜେନା, ଦୀପ୍ତିମୟୀ ସାହୁ, ସ୍ନେହାଶ୍ରୀ ଖୁଣ୍ଟିଆ, ନଇମ୍, ଶାଶ୍ୱତ, ଅଜନ୍ତା ଓ ନମିତା ପ୍ରମୁଖ ସହଯୋଗ କରିଥିଲେ।

# ଦାବି, ଅଧିକାର ସମ୍ପର୍କରେ ଆଲୋଚନା

କାମାକ୍ଷାନଗର, ୮।୧୦(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ସରପଞ୍ଚ ମହାସଂଘର ଏକ ବୈଠକ ରବିବାର ଗଡଜାତ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ସମସ୍ତ ୮ଟି ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସିକିମ୍ ପ୍ରଳୟଙ୍କରୀ ବନ୍ୟାରେ ପ୍ରାଣ ହରାଇଥିବା ଯବାନ ସରୋଜ ଦାସଙ୍କ ଅମରଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରଯାଇଥିଲା। ଏହାପରେ ସରପଞ୍ଚମାନେ କିଭଳି ନ୍ୟାର୍ଯ୍ୟଦାବି ଓ ଅଧିକାର ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ସରପଞ୍ଚମାନଙ୍କ ବିଭିନ୍ନ ସୁବିଧା, ଅସୁବିଧା, ପଞ୍ଚାୟତିରାଜ ବ୍ୟବସ୍ଥାରେ ବର୍ତ୍ତମାନ ସରପଞ୍ଚମାନଙ୍କ ଯେଉଁ ସବୁ ଦାୟିତ୍ୱ ରହିଛି ସେ ନେଇ ଉପସ୍ଥିତ ଅତିଥିମାନେ ଆଲୋଚନା କରିଥିଲେ। ଏହି ବୈଠକରେ କାମାକ୍ଷାନଗର, ଭୁବନ, ପରଜଙ୍ଗ, କଙ୍କଡାହାଡ଼, ଢେଙ୍କାନାଳ, ଗଁଦିଆ, ଓଡ଼ାପଡ଼ା, ହିନ୍ଦୋଳ ଅଞ୍ଚଳରୁ ଶତାଧିକ ସରପଞ୍ଚ ଯୋଗଦେଇଥିବା ବେଳେ ଢେଙ୍କାନାଳ ଜିଲା ସଭାପତି ଅମିତ ସ୍ୱାଇଁ, ରାଜ୍ୟ ସଂଘ ସମ୍ପାଦିକା ସନ୍ଧ୍ୟାରାଣୀ ଷେଣ୍ଡ, କାମାକ୍ଷାନଗର ବ୍ଲକ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ଶିଶିରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ।



ବୈଠକରେ ଉପସ୍ଥିତ ଜିଲା ସରପଞ୍ଚ ସଂଘ କର୍ମକର୍ତ୍ତାମାନେ।

